### ୧୦ ଦିନ ଦିନ ହେଲା ଖଟଖଟିଆକୁ ପାଣି ବନ୍ଦ

# ଶୁଣୁନାହାନ୍ତି ଅଧିକାରୀ, ରାସ୍ତା ରୋକ ପାଇଁ ସଜବାଜ

**କଣ୍ଟାମାଳ, ୨୦।୬(ସମିସ)**



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଖଟଖଟିଆ ପଞ୍ଚାୟତ ଖଟଖଟିଆରେ ୧୦ ଦିନ ହେଲା ପାଣି ସମସ୍ୟା ଦେଖା ଦେଇଛି। ଏହାଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁରେ ପ୍ରାୟ ୨୦୦୦ ଲୋକ ବସବାସ କରୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ୧୫ ବର୍ଷ ପୂର୍ବେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା ଏକ ଓଭରହେଡ଼ ଟାଙ୍କି ନିର୍ମାଣ କରାଯାଇଛି। ପ୍ରାୟ ୨୦ ରୁ ଅଧିକ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦିଆଯାଉଛି। ଅବଶ୍ୟ ଗାଁରେ ପ୍ରାୟ ୨୦ରୁ ଅଧିକ ନଳକୂଅ ଅଛି; ହେଲେ ଗ୍ରୀଷ୍ମ ଋତୁ ଯୋଗୁଁ ଭୂତଳ ଜଳସ୍ତର କମି ଯାଉଥିବାରୁ ନଳକୂଅଗୁଡ଼ିକରୁ ଆବଶ୍ୟକ ଅନୁଯାୟୀ ପାଣି ମିଳିପାରୁନି। ଏହାଫଳରେ ଲୋକେ ଓଭରହେଡ଼ ଟାଙ୍କି ଦ୍ୱାରା ଯୋଗାଇ ଦିଆଯାଉଥିବା ପାଣି ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଥାନ୍ତି; ହେଲେ ୧୦ ଦିନ ହେବ ଗ୍ରାମର ଚିକ୍ରାପଡ଼ାଠାରେ ପାଇପ୍ ଫାଟି ଯାଇଥିବାରୁ ଗ୍ରାମକୁ ପାଣି ଯୋଗାଣ ବନ୍ଦ ରହିଛି। ଏହା ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବ୍ଲକର ଲୋକପଡ଼ା ନିକଟସ୍ଥ ତେଲନଦୀ କୂଳରେ ନିର୍ମିତ ପାନୀୟଜଳ ପ୍ରକଳ୍ପରୁ ଯୋଗାଣ ହେଉଥିବା ପାନୀୟଜଳରୁ ଗ୍ରାମବାସୀ ଉପକୃତ ହେଇପାରୁ ନାହାନ୍ତି। ଗାଁକୁ ପାଇପ ବିଛା ହୋଇ ସମସ୍ତଙ୍କ ଘର ସାମ୍ନାରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିଲା; ହେଲେ ତାହା ନିମ୍ନମାନର ହୋଇଥିବାରୁ ଭଙ୍ଗିରୁଜି ଗଲାଣି। ଯେଉଁ କେତେକ ଷ୍ଟାଣ୍ଡପୋଷ୍ଟରେ ପାଣି ବାହାରୁଛି ତାହା ଅସମୟରେ ବାହାରୁଥିବାରୁ କାମକୁ ଆସୁନାହିଁ। ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ ସେ ଶୁଣୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ମହିଳାମାନେ ରାସ୍ତାରୋକ ପାଇଁ ସଜବାଜ ହେଉଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଜିତ ସେଠୀଙ୍କୁ ପଚାରିବାରୁ ପୂର୍ତ୍ତ ବିଭାଗର ରାସ୍ତା କାମ ଚାଲୁଛି। ସେଠାରେ ଏକ ପୋଲ ନିର୍ମାଣ ବେଳେ ପାଣି ପାଇପ୍ ଫାଟି ଯାଇଛି। ଏବେ ପୋଲ କାମ ସରିଯିବ। ଆଜି ସେ ଯାଇ ଦେଖି ଆସିଛନ୍ତି। ଦିନେ ଦୁଇଦିନ ମଧ୍ୟରେ ପାଇପ୍ ପକାଇ ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଥିଲେ।

## ବାଉରି ଯୋର ପୋଲରେ ଛଡ଼ ଦେଖାଗଲାଣି

**ବୀରମହାରାଜପୁର, ୨୦।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପିତାମହୁ ନିକଟରେ ଥିବା ବାଉରି ଯୋର ପୋଲ ଏବେ ମରଣଯନ୍ତା ପାଲଟିଛି। ଏହି ପୋଲ ଉପରେ ବିରାଟକାୟ ଗାତ ହେବା ସହ ଗେଟି ଉଠି ଲୁହା ଛଡ ବାହାରି ରହିଛି। ଏହା ଫଳରେ ଏଠାରେ ରାତିରେ ଛୋଟବଡ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୋଲ ଦେଇ ପ୍ରତେକ ଦିନ ସମ୍ବଲପୁର, ବଲାଙ୍ଗିର, ରେଢ଼ାଖୋଲ, ଭୁବନେଶ୍ୱର, କଟକ ସହ ବିଭିନ୍ନ ସ୍ଥାନକୁ ଯାନବାହାନ ଯିବାଆସିବା କରିଥାଏ। ଏହି ପୋଲ ଦେଇ ପ୍ରତେକ ଦିନ ପ୍ରଶାସନ ଅଧିକାରୀ ଓ ବିଭାଗୀୟ କର୍ମଚାରୀ, ଜନପ୍ରତିନିଧି ଯିବା ଆସିବା କରୁଥିଲେ ମଧ୍ୟ ତାଙ୍କର ଦୃଷ୍ଟି ପଡୁନି।

## ବିରାମଚନ୍ଦ୍ରପୁରରେ ଶୀତଳଷଷ୍ଠୀ ଯାତ୍ରା

**ହରଭଙ୍ଗା, ୨୦।୬(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରାମଚନ୍ଦ୍ରପୁର ଗ୍ରାମରେ ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇଛି। ବାବା ସୁବର୍ଣ୍ଣେଶ୍ୱର ମହାଦେବଙ୍କ ପିତା ମାତା ଭାବେ ନରେନ୍ଦ୍ର ସାହୁ ତାଙ୍କ ସହଧର୍ମିଣୀ ରଞ୍ଜୁକ୍ତା ସାହୁ ଦାୟିତ୍ୱ ତୁଲାଇଥିଲେ। ସେହିପରି ମାତାପାର୍ବତୀ ଦେବୀଙ୍କ ପିତାମାତା ଭାବେ ବୁଦ୍ଧି ସାଗର ମିଶ୍ର ଏବଂ ତାଙ୍କ ପତ୍ନୀ ସୁଜାତା ମିଶ୍ର ଦାୟିତ୍ୱ ତୁଲାଇଥିଲେ। ବାବା ସୁବନେଶ୍ୱର ମହାଦେବ ବରବେଶରେ ବିରାଟ ଶୋଭାଯାତ୍ରାରେ ବିରନରସିଂହପୁରଠାରୁ ବାହାରି ବିରାମଚନ୍ଦ୍ରପୁର ଗ୍ରାମରେ କନ୍ୟା ପିତାଙ୍କ ବାସଭବନରେ ପହଞ୍ଚି ଥିଲେ। ଏହାପରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିବାହ ମଣ୍ଡପରୁ ହାରପାର୍ବତୀ ନିଜମନ୍ଦିରକୁ ବିରାଟ ଶୋଭାଯାତ୍ରା ବିଜେ କରିଛନ୍ତି।

## ଜଟେସିଂହା ଛକ ନିକଟରେ ରେଡ଼ିୟମ ହମ୍ପସ୍ ପାଇଁ ଦାବି

**ବୀରମହାରାଜପୁର, ୨୦।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର-ସୁବଳୟା ମୁଖ୍ୟ ରାସ୍ତା ଜଟେସିଂହା ଛକ ନିକଟରେ ରେଡିୟମ ହମ୍ପସ୍ ଲଗାଇବା ପାଇଁ ଦାବି ହେଉଛି। ମୁଖ୍ୟ ରାସ୍ତାକୁ ଲାଗି ଜନବସତି, ପଞ୍ଚାୟତ କାର୍ଯ୍ୟାଳୟ, ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏଠାରେ ସଦାସର୍ବଦା ଜନଗହଳି ଲାଗି ରହିଥାଏ। ସ୍କୁଲ ସମୟରେ ଛାତ୍ରଛାତ୍ରୀଙ୍କ ଯିବା ଆସିବା କରିଥାନ୍ତି। ଏଠାରେ ଆଗରୁ ହମ୍ପସ୍ ରହିଥିବା ବେଳେ ଏବେ ରାସ୍ତା ଉନ୍ନତିକରଣ ହେବାରୁ ହମ୍ପସ୍ ଦିଆଯାଇ ନାହିଁ। ଏହା ଫଳରେ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏହି ରାସ୍ତା ଉପରେ ବିଭିନ୍ନ ଭାରିଯାନ ତଥା ବାଇକ ଆରୋହୀ ମାନେ ଦ୍ରୁତ ଗତିରେ ଗାଡି ଚଳାଚଳ କରୁଥିବା ନଜର ରହିଛି। ଏଠାରେ ହମ୍ପସ୍ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ପ୍ରାଥମିକ ଚିକିତ୍ସାଳୟ, ହାଇସ୍କୁଲ, ପଞ୍ଚାୟତ ଓ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ରେଡିୟମ ହମ୍ପସ୍ ସ୍ଥାପନ ପାଇଁ ଅଞ୍ଚଳବାସୀ ତଥା ଅଭିଭାବକ ଦାବି କରିଛନ୍ତି।

## ଗାଧୋଇବା ବେଳେ ଚୌକିଜୋରରେ ବୁଡ଼ିଗଲେ

**ତରଭା, ୨୦।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଚରଦା ଗ୍ରାମର ପ୍ରଶାନ୍ତ ଥାନାପତି (୫୨) ନାମକ ଜଣେ ବ୍ୟକ୍ତିଙ୍କ ଶନିବାର ପୂର୍ବାହ୍ନରେ ଅକାଳ ମୃତ୍ୟୁ ଘଟିଛି। କୌଣସି କାମରେ ସେ ବିନିକା ଆସି ଘରକୁ ଫେରୁଥିଲେ। ବାଟରେ ଥିବା ଚୌକିଜୋରକୁ ଗାଧୋଇବା ପାଇଁ ଯାଇଥିଲେ; କିନ୍ତୁ ବାହାରକୁ ଆସି ନ ଥିଲେ। ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ବିନିକା ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ବିନିକା ପୁଲିସ ପହଞ୍ଚି ଶବ ଜବତ କରିଥଲା। ଏନେଇ ପ୍ରଶାନ୍ତଙ୍କ ପୁତୁରା ପ୍ଲାବନ ଥନାପତି ବିନିକା ଥାନାରେ ଏତଲା ଦେବାରୁ ପୁଲିସ ଏକ ଅପମୃତ୍ୟ ମାମଲା ରୁଜୁ କରିଛି। ଏଏସ୍ଆଇ ମୋହନ ବରିହା ତଦନ୍ତ ଜାରି ରଖିଛନ୍ତି। ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ଜିମା ଦିଆଯିବ ବୋଲି ବିନିକା ଥାନା ଏସ୍ଆଇ ମାରୁତଚନ୍ଦ୍ର ପଧାନ ସୂଚନା ଦେଇଛନ୍ତି।

## ଶିଶୁ ଶ୍ରମ ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ତରଭା, ୨୦।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ୧୪ ବର୍ଷରୁ କମ୍ ଶିଶୁ ଏବଂ ୧୮ ବର୍ଷରୁ କମ୍ କିଶୋର/କିଶୋରୀଙ୍କ ବିପଦସଙ୍କୁଳ ବୃତ୍ତି ବିଷୟରେ



ଚର୍ଚ୍ଚା ହେବା ସହ ଶିଶୁ ଓ କିଶୋର ଶ୍ରମ ଆଇନ- ୧୯୮୬ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ଶ୍ରମ ବିଭାଗର ଉଦ୍ଧାରକାରୀ ଦଳ ଦ୍ୱାରା ସମଗ୍ର ଜିଲ୍ଲାରେ ଚାଲିଥିବା କାର୍ଯ୍ୟକଳାପ ବିଷୟରେ ଚର୍ଚ୍ଚା ହେବା ଶହ ଶ୍ରମରେ ନିୟୋଜିତ କରୁଥିବା ଲୋକ ଉପରେ କଣ ଦଣ୍ଡ ବିଧାନ ରହିଛି ତାହା ମଧ୍ୟ ସୂଚିତ କରାଯାଇଥିଲା। ଡିଭିଜନାଲ ଶ୍ରମ ଆୟୁକ୍ତ ଦିଲେଶ୍ୱର ଖାଖା ଶିଶୁ ଶ୍ରମ ବିରୋଧୀ ଅଭିଯାନର ବିଭିନ୍ନ ଦିଗ ଉପସ୍ଥାପନ କରିବା ସହିତ ଶିଶୁ ଶ୍ରମିକରୁ ପାରା ଆରଚେରୀରେ ବିଶ୍ୱ ବିଜୟୀ ହୋଇଥିବା ପାୟଲ ନାଗଙ୍କ ପ୍ରେରଣାଦାୟକ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ସେ ସମସ୍ତ ବିଭାଗକୁ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଶିଶୁ ଶ୍ରମିକ ଚିହ୍ନଟ ହେଲେ ତୁରନ୍ତ ଜିଲ୍ଲା ଶ୍ରମ ବିଭାଗକୁ ଅବଗତ କରାଇବାକୁ ଅନୁରୋଧ କରିଥିଲେ। ଏହାଦ୍ୱାରା ଶୀଘ୍ର ଉଦ୍ଧାର କାର୍ଯ୍ୟ ସମ୍ପାଦନ କରାଯାଇପାରିବ ବୋଲି କହିଥିଲେ। ଶିଶୁ ଶ୍ରମିକ ଭଳି ସାମାଜିକ ସମସ୍ୟାର ସମାଧାନ ପାଇଁ ଏକ ସମ୍ବେଦନଶୀଳ ଓ ମାନବିକ ଆଭିମୁଖ୍ୟ ଅପରିହାର୍ଯ୍ୟ। ଶିଶୁମାନଙ୍କୁ କେବଳ ଶ୍ରମରୁ ଉଦ୍ଧାର କରିବା ନୁହେଁ; ବରଂ ସେମାନଙ୍କ ପୁନର୍ବାସ, ପୁନଃ ବିଦ୍ୟାଳୟରେ ନାମଲେଖା, ଦକ୍ଷତା ବିକାଶ ଏବଂ ଅଭିଭାବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଜିଲ୍ଲାପାଳ ଶ୍ରୀ ସାହୁ କହିଥିଲେ। ପୂର୍ବ ଦଶନ୍ଧି ତୁଳନାରେ ବର୍ତ୍ତମାନ ଦଶନ୍ଧିରେ ଶିଶୁ ଶ୍ରମ ଘଟଣାରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ତଥାପି ନିଖୋଜ ଶିଶୁମାନଙ୍କ ସମସ୍ୟା ଉପରେ ବିଶେଷ ଧ୍ୟାନ ଦେବା ସହ ଉଦ୍ଧାର ପରେ କୌଣସି ଶିଶୁ ପୁନର୍ବାର ଶ୍ରମରେ ନିୟୋଜିତ ନ ହେବାକୁ ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଶିଶୁ ଶ୍ରମର ମୂଳ କାରଣ ଦୂରୀକରଣ ପାଇଁ ପରିବାରମାନଙ୍କ ଆର୍ଥିକ ସ୍ଥିତିକୁ ବୁଝିବା ଏବଂ ସେମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଶିଶୁ ଶ୍ରମିକ ନିୟୋଜନ କରୁଥିବା ନିଯୁକ୍ତିଦାତାଙ୍କ ବିରୋଧରେ ଜରିମାନା ସମେତ କଠୋର ଦଣ୍ଡାତ୍ମକ ପଦକ୍ଷେପ ଗ୍ରହଣ କରାଗଲେ ଏହା ଏକ ପ୍ରଭାବଶାଳୀ ପ୍ରତିରୋଧକ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ ପରିଚାଳନା କରିଥିଲେ। ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ଲିନା ବାବୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ଡିଏସ୍ପି ରେଣୁକା ସୁନା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଶିକ୍ଷା ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପିତୃମାତୃହୀନ ଶିଶୁଙ୍କ ଉପସ୍ଥାପନା ଓ ପରାମର୍ଶ ଶିବିର

**ତରଭା, ୨୦।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଉଲୁଣ୍ଡା ବ୍ଲକ ମିଶନ ଶକ୍ତି ସଭାଗୃହରେ ପିତୃ ମାତୃହୀନ ଶିଶୁଙ୍କ ପରାମର୍ଶ ଓ କୋର୍ଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପରେ ୩୨୬ ଜଣ ଶିଶୁ ଓ ମହିଳା ଉପସ୍ଥିତ ଥିଲେ। ଶିଶୁ ମଙ୍ଗଳ କମିଟି ଦ୍ୱାରା ସମସ୍ତ ଶିଶୁ ଏବଂ ଅଭିଭାବକଙ୍କ ପ୍ରମାଣ ପତ୍ର ଯାଞ୍ଚ କରି ତଥ୍ୟ ସଂଗ୍ରହ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ମଙ୍ଗଳ କମିଟିର ସଭ୍ୟ କେଶବ ଚନ୍ଦ୍ର ମେହେର, ବ୍ରଜେନ୍ଦ୍ର କୁମାର ବିଶି ଉପସ୍ଥାପନା କାର୍ଯ୍ୟ ତୁଲାଇ ଥିଲେ। ଏହି କ୍ୟାମ୍ପକୁ ଶିଶୁ ସୁରକ୍ଷା ବିଭାଗର ଗୌତମ ମହାପାତ୍ର, ରୁଦ୍ର ପ୍ରସନ୍ନ ମିଶ୍ର, ଥବୀର କାଳସେ, ମୃତ୍ୟୁଞ୍ଜୟ ସାହୁ, ଜିତେନ୍ଦ୍ର ମଣ୍ଡଳ, ଅନିଲ ମହଲା ଓ ଚାଇଲଡ ହେଲ୍ପ ଲାଇନର ଧର୍ମେନ୍ଦ୍ର ଦାସ ତଥା ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସହଯୋଗ କରିଥିଲେ।

## ପିକ୍ଅପ୍‌ରୁ ୫ କୁଇଣ୍ଟାଲ ଗଞ୍ଜେଇ ଜବତ

**ଶଗଡ଼ା, ୨୦।୬(ସମିସ):** ମଲିକୁଦ ଡୁମାଳପାଲି ରାସ୍ତାରେ ଉଭୟ ଘଣ୍ଟାପଡ଼ା ଓ କଣ୍ଟାମାଳ ପୁଲିସ ମିଳିତ ଭାବେ ଏକ ପିକ୍ଅପ୍‌ରୁ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଘଣ୍ଟାପଡ଼ା ପଟରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଘଣ୍ଟାପଡ଼ା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଗାଡିର ପିଛା କରିଥିଲା। ଗାଡିଟି ଦ୍ରୁତ ଗତିରେ ଆସୁଥିବାରୁ କଣ୍ଟାମାଳ ପୁଲିସ ସନ୍ଦେହ କରି ଅଟକାଇଥିଲା। ଗାଡି ସହ ଗଞ୍ଜେଇ ଜବତ କରି ପୁଲିସ ଚାଳକକୁ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ କରି କଣ୍ଟାମାଳ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ସାର, ବିହନ ବିକ୍ରିରେ ଅନିୟମିତତା ଅଭିଯୋଗ

## ବ୍ଲକ କୃଷି ଅଧିକାରୀକୁ ଆନ୍ଦୋଳନ ଚେତାବନୀ

**କଣ୍ଟାବାଞ୍ଜି, ୨୦।୬(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ୨୬ଟି ପଞ୍ଚାୟତରେ ଦିନକୁ ଦିନ ସାର ଓ ବିହନ ବିକ୍ରିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଲାଇସେନ୍ସପ୍ରାପ୍ତ ଡିଲର ଓ ହୋଲସେଲରମାନେ ସରକାରୀ ନିର୍ଦ୍ଧାରିତ ଦରଠାରୁ ଅଧିକ ଦରରେ ସାର ଓ ବିହନ ବିକ୍ରି କରୁଛନ୍ତି। ଚାଷୀଙ୍କୁ ବିଲ୍ ଦେଉ ନାହାନ୍ତି। ଏହାର ପ୍ରତିବାଦରେ ଆଜି ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଷୀଙ୍କ ନେତୃତ୍ୱରେ ଚାଷୀ ବ୍ଲକ କୃଷି ଅଧିକାରୀ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବ୍ଲକ କୃଷି ଅଧିକାରୀ ସ୍ମାରକୀ ପ୍ରଧାନଙ୍କ ସହ ଆଲୋଚନା କରିବା ସହ ଆନ୍ଦୋଳନ ଚେତାବନୀ ଦେଇଥିଲେ। ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳ ହେଉଛି ଦାଦନ ପ୍ରବଣ ଅଞ୍ଚଳ। କପା, ଧାନ, ସାର, କୀଟନାଶକ ସହ ଚାଷବାସରେ ଲାଗୁଥିବା ବିଭିନ୍ନ ସାମଗ୍ରୀ ଚଢାଦରରେ ବିକ୍ରି ହେଉଛି। ପ୍ରଶାସନ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ନ କଲେ କୃଷି କାର୍ଯ୍ୟାଳୟରେ ତାଲା ପକାଇ ଦେବାକୁ ଚେତାବନୀ ଦେଇଥିଲେ।

## ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

**ଡୁଙ୍ଗୁରିପାଲି, ୨୦।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଶ୍ରୀ ଶ୍ରୀ ବାବା କପେଳେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ଶିବାନନ୍ଦପଡ଼ାସ୍ଥିତ ହିମାଦ୍ରିନଗରରୁ ସୁସଜ୍ଜିତ ପାଲିଙ୍କିରେ ହରପାର୍ବତୀ ବାହାରି ବାଜାଗଜା ସହ ବିରାଟ ଶୋଭାଯାତ୍ରାରେ ଶିବାନନ୍ଦପଡ଼ା, କୁଦେଇପଡ଼ା ଦେଇ କପିଳେଶ୍ୱର ମନ୍ଦିର ପ୍ରବେଶ କରିଥିଲେ।

## ପୋଡ଼ାପଦର ଛକରେ ଆଣ୍ଠୁଏ ପାଣି

**କଣ୍ଟାମାଳ, ୨୦।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତର ପୋଡାପଦର ଛକରେ କାଳବୈଶାଖୀ ବର୍ଷା ପରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ଏହି ରାସ୍ତା ନାରାୟଣପ୍ରସାଦ ଓ ବରଗାଁ ପଞ୍ଚାୟତକୁ ସଂଯୋଗ କରୁଥିବାରୁ ପ୍ରତିଦିନ ବହୁ ସଂଖ୍ୟକ ଲୋକ ଏହି ପଥ ଦେଇ ଯାତାୟାତ କରିଥାନ୍ତି। ଶୁକ୍ରବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ବର୍ଷା ଯୋଗୁଁ ରାସ୍ତା ଉପରେ ପାଣି ଜମି ରହିଥିବାରୁ ପଥଚାରୀ ଓ ଦୁଇଚକିଆ ଯାନ ଚାଳକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ବର୍ଷା ଦିନରେ ଲୋକେ ଅସୁବିଧାର ଭୋଗ କରିଥାନ୍ତି।

## ବିପଦସଂକୁଳ ବୀରମହାରାଜପୁର ସବ୍‌ରେଜିଷ୍ଟ୍ରି ଅଫିସ

**ବୀରମହାରାଜପୁର, ୨୦।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ଥିବା ସବ୍ ରେଜିଷ୍ଟ୍ରି ଅଫିସର କମ୍ପ୍ୟୁଟର ରୁମ୍ ଏବେ ବିପଦ ସଂକୁଳ ଅବସ୍ଥା ରହିଛି। ବିପଦପୂର୍ଣ୍ଣ କୋଠରୀରେ ଜୀବନକୁ ବାଜି ଲଗାଇ କିରାଣି କାମ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଘରଟି ବହୁ ପୁରଣା ହେତୁ ଏହାର କାନ୍ଥରେ ବଡ ବଡ ଫାଟ ସୃଷ୍ଟି ହେବାସହ ଛାତରୁ ସିମେଣ୍ଟ ଅତଡ଼ା ଖସି ପଡ଼ିଲାଣି।

## ୬୦ ହିତାଧିକାରୀଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ



**ତରଭା, ୨୦।୬(ସମିସ):** ସୋନପୁର ପୌରପରିଷଦ ପକ୍ଷରୁ ସ୍ଥାନୀୟ ହାତିଶାଳ କଲ୍ୟାଣ ମଣ୍ଡପରେ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସହରର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ସିଧା ସଳଖ ଯୋଗାଯୋଗ ଏବଂ ସମସ୍ୟାର ସମାଧାନ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ସୋନପୁର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଷି ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସହାୟକ ସୀମାଞ୍ଚଳ ପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ବଲାଙ୍ଗିର ସାଂସଦ ପ୍ରତିନିଧି ଶିବରାମ ସାହୁ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ପୂର୍ବତନ ଅଧ୍ୟକ୍ଷ କଇଁରୁ ସ୍ୱାଇଁ, ସମସ୍ତ ୱାର୍ଡର ସଭ୍ୟ, ଅଗ୍ରଣୀ ବ୍ୟାଙ୍କ ଜିଲ୍ଲା ପ୍ରବନ୍ଧକ କାର୍ତ୍ତିକେଶ୍ୱର ପଣ୍ଡା, ପୌର ପରିଷଦ ମୁଖ୍ୟ ଯନ୍ତ୍ରୀ, ଜିଲ୍ଲା ମିଶନ ପରିଚାଳକ (ଡିଏମଏମ), ଗୋଷ୍ଠୀ ସଙ୍ଗଠକ (ସିଓ) ଏବଂ ସମସ୍ତ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଯଥା ପରିମଳ ଓ ସ୍ୱଚ୍ଛତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱନିଧି ଏବଂ ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ସହଯୋଗ, ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ଭତ୍ତା, ମୁଖ୍ୟମନ୍ତ୍ରୀ ସହରାଞ୍ଚଳ ବିକାଶ ଯୋଜନା, ହରିଶ୍ଚନ୍ଦ୍ର ସହାୟତା ଯୋଜନା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସେବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗାଣ ଓ ଖାଉଟି ଯୋଜନା ଅଧୀନ ୬୦ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ କରାଯାଇଥିଲା। ବିଭିନ୍ନ ୱାର୍ଡର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଉଠା ଦୋକାନୀ, ମିଶନଶକ୍ତି ଗୃପର ସଦସ୍ୟା, ଜନସାଧାରଣ ଅଂଶ ଗ୍ରହଣ କରି ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଇଥିଲେ। ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ ଦିଗରେ ଦ୍ରୁତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ସହରର ବିକାଶ କାର୍ଯ୍ୟରେ ଜନସାଧାରଣଙ୍କ ସହଭାଗୀତାକୁ ଏହି କାର୍ଯ୍ୟକ୍ରମ ଅଧିକ ମଜଭୁତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ମତପ୍ରକାଶ କରାଯାଇଛି।

## ମନମାନୀ କରୁଛନ୍ତି ପମ୍ପ ହାଉସ୍ ଅପରେଟର

**କଣ୍ଟାମାଳ, ୨୦।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ଜଳ ଯୋଗାଣ ସମସ୍ୟା ବହୁ ପୁରୁଣା। ଏଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ କୌଣସି ଲାଭ ହୋଇ ପାରିନାହିଁ। ଗତ ସରକାର ସମୟରେ କଣ୍ଟାମାଳ ବ୍ଲକ ଲୁକପଡ଼ାରେ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇ ଜଳ ଯୋଗାଣ ହେଉଛି; କିନ୍ତୁ ତ୍ରୁଟିପୂର୍ଣ୍ଣ ଜଳ ଯୋଗାଣ ପ୍ରକ୍ରିୟା କାରଣରୁ ଜଳ ମିଳିବା କଷ୍ଟକର ହୋଇ ପଡୁଛି। ଏହାକୁ ଚଳାଇବା ପାଇଁ ଥିବା ଅପରେଟରମାନେ ନିଜ ମନ ମୁତାବକ ଚଳାଉଛନ୍ତି। କଣ୍ଟାମାଳ ୧ ନମ୍ବର ୱାର୍ଡବାସୀ ପାଣି ପାଇଁ ବେଶୀ ହନ୍ତସନ୍ତ ହେଉଛନ୍ତି। ଅଞ୍ଚଳର କିଛି ସ୍ଥାନରେ ପାଣି ଯୋଗାଣ ହେଉଛି। ଅନ୍ୟ ସ୍ଥାନକୁ ହେଉଥିବା ଜଳ ଯୋଗାଣ ଚାବି ବନ୍ଦ ରଖା ଯାଉଛି। ଏ ନେଇ ସମ୍ପୃକ୍ତ ଅପରେଟରଙ୍କୁ ପଚାରିଲେ ଅବାନ୍ତର ଉତ୍ତର ଦେଉଛନ୍ତି। ଅପରପକ୍ଷରେ କଣ୍ଟାମାଳର ସମସ୍ତ ଘରକୁ ଜଳ ଯୋଗାଣ ପାଇପ୍ ସଂଯୋଗ ହୋଇ ନ ଥିବା କାରଣରୁ ଜଳ ଯୋଗାଣ ହୋଇପାରୁନାହିଁ। ବର୍ତ୍ତମାନ ଭୂତଳ ଜଳ ସ୍ତର ହ୍ରାସ ପାଇଛି। ନଳକୂଅ ଅଚଳ ହୋଇ ପଡ଼ିଛି। ଅପରପକ୍ଷରେ ଦୀର୍ଘ ୫୦ ବର୍ଷ ପୂର୍ବରୁ କଣ୍ଟାମାଳ ତେଲ ନଦୀରୁ ଆସୁଥିବା ଜଳ ଯୋଗାଣ ପ୍ରକଳ୍ପର ପାଇପ୍ ଫାଟି ଯାଇଥିବାରୁ ପାଣି ନଷ୍ଟ ହେଉଛି। ଏନେଇ କଣ୍ଟାମାଳରେ ଥିବା ଆର୍‌ଡବ୍ଲୁଏସଏସ ଜେଇଙ୍କୁ ପଚାରିବା କ'ଣ ହୋଇ ପାରିବ ଦେଖିବେ ବୋଲି କହିଥିଲେ। ସେହିଭଳି ବିଭାଗୀୟ ଏକଜିକ୍ୟୁଟିଭ ଇଞ୍ଜିନିୟର (ବୌଦ୍ଧ)ଙ୍କୁ ପଚାରିବାରୁ ଏହି ସମସ୍ୟା ନେଇ ସମସ୍ୟା ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆ ଯାଇଛି ବାଲି କହିଥିଲେ।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି, ୨୦।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବରଗଡ଼-ବଲାଙ୍ଗୀର ଜାତୀୟ ରାଜପଥର ବଡ଼ଫଟାମୁଣ୍ଡା ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଚେରୁପାଲି ଗ୍ରାମର କପିଳ ସେନାପତି (୩୦) ସେନାପତି। ସେ ଡୁଙ୍ଗୁରିପାଲି ପଟୁ ବାଇକ୍ (ଓଡି ୧୭ଏ ଜି ୮୪୭୯)ରେ ଯାଉଥିଲେ। ବଡ଼ଫଟା ମୁଣ୍ଡା ଛକଠାରେ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ପାଖରେ ଥିବା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଡୁଙ୍ଗୁରିପାଲି ଡାକ୍ତରଖାନା ନେଇଥିଲେ। ତାଙ୍କ ମୁହଁ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଡୁଙ୍ଗୁରିପାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରୁ କଟକ ବଡ଼ ମେଡିକାଲ ନିଆଯାଉ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଡୁଙ୍ଗୁରିପାଲି ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଘଟାଇ ଫେରାର୍ ମାରିଥିବା ଟ୍ରାକ୍ଟରକୁ ପୁଲିସ ଜବତ କରିଛି।

## ବିଧାୟକଙ୍କୁ ଦାବିପତ୍ର ଦେଲେ ଯୋଗାଣ ସହାୟକ

**ଶଗଡ଼ା/କଣ୍ଟାମାଳ, ୨୦।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗାଣ ସହାୟକ ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ନିମନ୍ତେ କଣ୍ଟାମାଳ ବିଧାୟକ କହ୍ନେଇଚରଣ ଚରଣ ଡାଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ନୀଳମାଧବ ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟମାନେ ବିଧାୟକଙ୍କୁ ଦାବିପତ୍ର ଦେଇଥିଲେ। ଯୋଗାଣ ସହାୟକମାନଙ୍କୁ ନିୟମିତ କରାଯିବା, ଦରମା ବୃଦ୍ଧି କରିବା, ସୁରକ୍ଷା, ବୀମା ସୁବିଧା ପ୍ରଦାନ ସହିତ ଇପିଏଫ୍ ପ୍ରଦାନ ବ୍ୟବସ୍ଥା କରାଯିବା ଭଳି ପ୍ରମୁଖ ଦାବି ଉଲ୍ଲେଖ ରହିଛି। ଯୋଗାଣ ସହାୟକମାନଙ୍କ ଦୀର୍ଘଦିନର ସମସ୍ୟା ପ୍ରତି ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଦାବିଗୁଡ଼ିକ ଶୀଘ୍ର ପୂରଣ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ରିଙ୍ଗାପଡ଼ାରେ ଖମ୍ବେଶ୍ୱରୀ ମନ୍ଦିରର ରତ୍ନମୁଦ

**କଣ୍ଟାମାଳ, ୨୦।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତର ରିଙ୍ଗାପଡ଼ା ଗ୍ରାମସ୍ଥିତ ନବନିର୍ମିତ ମା' ଖମ୍ବେଶ୍ୱରୀ ମନ୍ଦିରର ରତ୍ନମୁଦ ଉତ୍ସବ ସମ୍ପନ୍ନ ହୋଇଛି। ଶୁକ୍ରବାର ସକାଳୁ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବାପରେ ସୂର୍ଯ୍ୟଦେବତାଙ୍କ ପୂଜା ହୋଇଥିଲା। ସତ୍ୟନାରାୟଣ ମାଝୀ ଓ ତାରାକାନ୍ତୀ ମାଝୀ ନବରତ୍ନ ଭରଣ କରିଥିଲେ। ତାପରେ ଶ୍ରଦ୍ଧାଳୁ ଧାନ, ଚାଉଳ, ମୁଗ, ବିରି, ରତ୍ନ, ପଇସା ଆଦି ଭରଣ କରିଥିଲେ। ଉତ୍ସବରେ ପୂର୍ବତନ କଣ୍ଟାମାଳ ବିଧାୟକ ମହିଧର ରଣା, ୧ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଖମନମୁଣ୍ଡା ପଞ୍ଚାୟତର ସରପଞ୍ଚ ଅଳକା ପ୍ରଧାନ, ଶିକ୍ଷାବିତ ନିଳାଚଳ ଭୋଇ, ଗୋବର୍ଦ୍ଧନ ପ୍ରଧାନ, ପ୍ରେମରାଜ ରଣା, ନିତ୍ୟାନନ୍ଦ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ରାଧାମୋହନ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ।

# 'ବିକାଶର ଧାରା, ଓଡ଼ିଶା ସାରା' ଉଦ୍‌ଯାପିତ

**ମନମୁଣ୍ଡା, ୨୦।୬(ସମିସ)**

ଓଡ଼ିଶା ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ କଣ୍ଟାମାଳରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଏଥିରେ ମୁଖ୍ୟ ଅତିଥି ଭାବେ ଦେଇଥିଲେ। କଣ୍ଟାମାଳ ବିଡିଓ ସମ୍ପି ଜୟଶ୍ରୀ ରେ‡ୀ ଓ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବୁରୁଧର କହଁର, ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ପଦ୍ମାଳୟା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେପି ନେତା



ପିନାକ ରଣା, ସୀତାକାନ୍ତ ମିଶ୍ର, ପଞ୍ଚାନନ ସାହୁ, ଅନିଲ ପ୍ରଧାନ, କେଦାର ସାହୁ, ସୁଶୀଲ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ।

**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ରଶ୍ମିତା ରଣାଙ୍କ ସମେତ ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ଏମ୍‌ବିକେ, ସିଆରପି ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଲୋକଙ୍କୁ କାର୍ଡ ଓ ଖାଦ୍ୟଶସ୍ୟ ବଣ୍ଟନ କରାଯାଇଥିଲା।

**ଶଗଡ଼ା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଝୁନୁ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ସରୋଜ ମହାକୁଡ଼, ପଞ୍ଚାୟତ ଯୋଗାଣ ଅଧିକାରୀ ନୀଳମାଧବ ପ୍ରଧାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସମସ୍ତ ୱାର୍ଡ ମେମ୍ବର, ଆଶାଦିଦି, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।



